# ଏନ୍‌ଡିଏରୁ ଓହରିଗଲା ଶିରୋମଣୀ ଅକାଳୀଦଳ

**ନୂଆଦିଲ୍ଲୀ, ୨୬।୯/ଏଜେନ୍ସି :**

କୃଷିବିଲ୍‌କୁ ବିରୋଧ କରି ଶନିବାର ଶିରୋମଣୀ ଅକାଳୀ ଦଳ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ (ଜାତୀୟ ଗଣତାନ୍ତ୍ରିକ ମେଣ୍ଟ)ରୁ ଓହରିଯାଇଛି । ପଞ୍ଜାବର ଶିରୋମଣୀ ଅକାଳୀଦଳର ମୁଖ୍ୟ ସୁଖବୀର ସିଂ ବାଦଲ ଏହା ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ ନିକଟରେ ସଂସଦରେ ବିବାଦୀୟ କୃଷିବିଲ୍ ପାସ୍ ହୋଇଥିଲା । ଏହାକୁ ବିରୋଧ କରି ମୋଦୀ ସରକାରରେ ଥିବା ଶିରୋମଣୀ ଅକାଳୀ ଦଳର ଏକ ମାତ୍ର ମନ୍ତ୍ରୀ ତଥା ସୁଖବୀର ସିଂ ବାଦଲଙ୍କ ପତ୍ନୀ ହରସିମରତ୍ କୌର ବାଦଲ ଗତ ୧୭ ତାରିଖରେ ଇସ୍ତଫା ଦେଇଥିଲେ । ଏନ୍‌ଡିଏରୁ ଓହରିଯିବା ସମ୍ପର୍କରେ ଘୋଷଣା କରି ସୁଖବୀର ସିଂ ବାଦଲ କହିଛନ୍ତି, ଶିରୋମଣୀ ଅକାଳୀ ଦଳ କୋର୍ କମିଟି ବୈଠକରେ ଏ ସମ୍ପର୍କରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି । ବିଜେପି କୃଷି ବିଲ୍ ପ୍ରତ୍ୟାହାର ପାଇଁ ଅମଙ୍ଗ ହେବାରୁ ଏଭଳି ଚରମ ପଦକ୍ଷେପ ନିଆଗଲା ବୋଲି ବାଦଲ କହିଛନ୍ତି । ଏନ୍‌ଡିଏରୁ ଓହରିଯିବାରେ ଶିରୋମଣୀ ଅକାଳୀ ଦଳ ହେଉଛି ତୃତୀୟ ଦଳ । ଏହା ପୂର୍ବରୁ ଶିବସେନା ଓ ତେଲୁଗୁଦେଶମ୍ ପାର୍ଟି ଏନ୍‌ଡିଏରୁ ଓହରି ଯାଇଥିଲେ ।